# OFFICE OF THE TAHASILDAR, BELPARA
## DIST: BALANGIR

E-Mail-ID:tah.belp-od@nic.in

**No.** 1477 **//Dt.** 30/07/2022

To

The Information & Public Relations Department,
Govt. of Odisha

Sub: Release of Advertisement in Newspaper for Auction of Sairat Source.

Sir,

In inviting a reference to the subject cited above, I am to send herewith the advertisement in Odiya vernacular for publication of same in your largely circulated two daily newspaper (Local & Regional ) on or before dt.01.08.2022 positively for inviting applications from intending applicants for five year lease of Parlimal Sand Quarry & Ghagurli Sand Quarry coming within the jurisdiction of Tahasil office,Belpara, Dist. Balangir. Further, I am to mention that the date line is fixed above for publication of advertisement should not be deviated.

This is for favour of your kind information and necessary action.

Encl. Advertisement

Yours faithfully,

30/7/22

**Tahasildar, Belpara**

**Memo No.** 1478 **//Dt.** 30/07/2022

Copy submitted to the A.D.M. Balangir/Sub-Collector, Patnagarh for favour of kind information.

30/7/22

**Tahasildar, Belpara**

# ତହସିଲ କାର୍ଯ୍ୟାଳୟ,ବେଲପଡା . ଜିଲ୍ଲା.ବଲାଙ୍ଗିର,

ବିଜ୍ଞାପନ ସଂଖ୍ୟା.୧୪୭୪// ତା. ୩୦/୦୭/୨୦୨୨

ଲଘୁଖଣିଜ ଦ୍ରବ୍ୟ ଲିଜ୍ ନିମନ୍ତେ

## ବିଜ୍ଞାପନ

(ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ-୨୦୦୪ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ-୨୦୧୬ ଅନୁଯାୟୀ)

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ବେଲପଡା ତହସିଲ ଅନ୍ତର୍ଗତ ନିମ୍ନ ତଫସିଲ ଭୁକ୍ତ ସୈରାତ ଉତ୍ସ ଗୁଡିକର ଅନୁନ୍ୟ ୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘ ମିଆଦୀ ଲିଜ୍ ସୂତ୍ରେ ନେବାପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉ ଅଛି । ଇଚ୍ଛୁକ ବ୍ୟକ୍ତି, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ-୨୦୧୬ ରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ (**Form-M**) ପୂରଣ କରି ଏହାର ତିନିକିତା କପି ସହ ନିମ୍ନଲିଖିତ ଦଲିଲ ସଂଲଗ୍ନ କରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯାଳୟରେ ଥିବା **Drop Box** ରେ ଆସନ୍ତା ତାରିଖ ୧୭/୦୮/୨୦୨୨ ଅପରାହ୍ନ ୦୫.୩୦ ଘଟିକା ସୁଦ୍ଧା ଜଉମୁଦ ଲଫାପା (**Sealed Cover**)ରେ ପକାଇବେ । ଉକ୍ତ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ । ଦରଖାସ୍ତ ଗୁଡିକୁ ଉପସ୍ଥିତ ଲିଜ୍ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ତାରିଖ ୧୯/୦୮/୨୦୨୨ ପୂର୍ବାହ୍ନ ଘ.୧୧.00 ସମୟରେ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ରେ ଖୋଲାଯାଇ ତନଖି କରାଯିବ । ଦରଖାସ୍ତରେ ଲଘୁ ଖଣିଜ ଦ୍ରବ୍ୟର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ରୟାଲିଟି ମୂଲ୍ୟ ଠାରୁ କମ ମୂଲ୍ୟ ଦର୍ଶାଇଲେ ତାହା ଗ୍ରହଣ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ । ଆବେଦିତ ଦରଖାସ୍ତ ମଧ୍ୟରେ ସର୍ବାଧିକ ରୟାଲିଟି ମୂଲ୍ୟ ଦର୍ଶାଇଥିବା ଦରଖାସ୍ତକୁ ଯୋଗ୍ୟ ବିବେଚିତ କରାଯିବ । ଏକାଧିକ ବ୍ୟକ୍ତି ସଂପୃକ୍ତ ସୈରାତ ଉତ୍ସ ନିମନ୍ତେ ସମାନ ରୟାଲିଟି ମୂଲ୍ୟ ଦର୍ଶାଇଥିଲେ, ଲଟେରି ମାଧ୍ୟମରେ ଯୋଗ୍ୟ ବ୍ୟକ୍ତିଙ୍କୁ ସ୍ଥିର କରାଯିବ । ଏହି ବିଜ୍ଞାପନ ସଂମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗିର ଜିଲ୍ଲା **Website-http://balangir.nic.in** ରେ ଉପଲବ୍ଧ ଅଟେ ।

**ଦାଖଲ କରିବାକୁ ଥିବା ଦଲିଲ୍ ଓ କାଗଜାତ୍**

୧ ଦରଖାସ୍ତକାରୀ ତିନିକିତା ଦରଖାସ୍ତ FORM-M ଦାଖଲ କରିବେ ।

୨. ଦରଖାସ୍ତ ଫି ସକାଶେ ଟ.୧୦୦୦.୦୦ (ଏକ ହଜାର ଟଙ୍କା ) ର ଟ୍ରେଜେରୀ ଚାଲାଣ *("0853-Non-ferrous mining &Metllurgical 102-mineral Concession fees ,rents & royalties- 0217- receipts under Odisha minor Minerals concession fees (new)-02021-collection of fees, rents &royalties (new)"*

୩. ଦରଖାସ୍ତ କରୁଥିବା ସୈରାତ ବାବଦକୁ ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ତହସିଲଦାର, ବେଲପଡା ଙ୍କ ନାମରେ (Payable at Belpara )( ମାଇନିଂ ପ୍ଳାନ ହୋଇସାରିଲାପରେ) ପ୍ରଦାନ କରିବେ । [ EMD i.e. 5% of { Minimum Guaranteed Quantity x (Royalty + Additional Charges)}]

୪. କୌଣସି ମାଇନିଙ୍ଗ ବାବଦକୁ ବକେୟାଦେୟ ନ ଥିବା ନେଇ ଏକ ସତ୍ୟପାଠ ।

୫. Solvency Certificate ଅନ୍ୟୁନ ୧୮ ମାସ ପର୍ଯ୍ୟନ୍ତ କାଏମ ଥିବା କିମ୍ବା ବ୍ୟାଙ୍କ ଗ୍ୟାରେଂଟି ଯାହାକି ଦରଖାସ୍ତ କରୁଥିବା ସୈରାତ ଉତ୍ସର ବାର୍ଷିକ ମୂଲ୍ୟ { Minimum Guaranteed Quantity x (Royalty + Additional Charges)}] ଠାରୁ ଅଧିକ ହୋଇଥିବା ଆବଶ୍ୟକ ପ୍ରଦାନ କରିବା ସହ ରାଜସ୍ୱ ଅଧିକାରୀ ଙ୍କ ଠାରୁ ପ୍ରାପ୍ତ ସ୍ଥାବର ସଂପତିର ପ୍ରମାଣପତ୍ର ଦାଖଲ କରିବେ ।

୩୦/୭/୨୨

TAHASILDAR
BELPADA

୬. Income Tax Clearance କିମ୍ବା ଗତ Assessment year ର IT return ର ନକଲ ଯଦି ଥାଏ ପ୍ରଦାନ କରିବେ । (ସର୍ତାବଳୀର ବିବରଣୀ ଜିଲ୍ଲାପାଳଙ୍କweb site :www. Balangir.nic.in କିମ୍ବା ତହସିଲ କାର୍ଯ୍ୟାଳୟରେ ଉପଲବ୍ଧ କରିପାରିବେ ।)

## ସର୍ତାବଳୀ

୧. ଆବେଦନକାରୀମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୦୪ (OMMC Rule-2004) ଓ OMMC Rule-2016 ପରିସର ଭୂକ୍ତ ରହିବେ ।

୨. ପ୍ରଚଳିତ ନିୟମ ଅନୁଯାୟୀ ରୟାଲଟି ଓ ଅତିରିକ୍ତ ଦେୟ ର (Additional Charges) ମୂଲ୍ୟ ଉପରେ ସର୍ବୋଚ୍ଚ ମୂଲ୍ୟ ଦର୍ଶାଇଥିବା ନିଲାମ ଧାରି ଙ୍କ ଦରଖାସ୍ତ କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜଧାରୀଙ୍କୁ ଚୟନ କରାଯିବ ।

୩. ସର୍ବୋଚ୍ଚ ରୟାଲଟି ଓ (Additional Charges) ମୂଲ୍ୟାଙ୍କ କରିଥିବା ଆବେଦନକାରୀ ସମୟସୀମା ମଧ୍ୟରେ ଅମାନତରାଶି ଦାଖଲ କରିବାରେ ଖିଲାପ କରନ୍ତି ତାହେଲେ ଦ୍ବିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

୪. ସରକାରୀ ଭାବେ ଧାର୍ଯ୍ୟ ରୟାଲଟି ଓ (Additional Charges) ଠାରୁ କମ୍ ଦରରେ ଦରଖାସ୍ତ କରିଥିବା ଆବେଦନକାରୀଙ୍କ ଦରଖାସ୍ତକୁ ଖାରଜ କରାଯିବ ।

୫. ଲିଜ ପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଖଦାନ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶଗ୍ରହଣ କରିବେ ।

୬. ଲିଜରେ ସୈରାତ ଚଳାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତୃପକ୍ଷ ଦାୟୀ ରହିବେ ନାହିଁ ।

୭. ଲିଜ ଦିଆଯାଇଥିବା ଅବଧି ଭିତରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତୃପକ୍ଷ ଦାୟୀ ରହିବେ ନାହିଁ ।

୮.ସର୍ବୋଚ୍ଚ ଲିଜଧାରୀ ନିଜ ଖର୍ଚ୍ଚରେ ମାଇନିଙ୍ଗ୍ ପ୍ଲାନ (Mining Plan ) ର ଖର୍ଚ୍ଚ ବହନ କରିବେ ।

୯. ମାଇନିଙ୍ଗ୍ ପ୍ଲାନରେ ଦର୍ଶାଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟ ର ପରିମାଣ ତଥା ଲିଜଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ରୟାଲିଟି ଓ (Additional Charges) ରାଶି କୁ ଗୁଣନକଲେ ଯେଉଁ ପରିମାଣର ଅର୍ଥ ହେବ ଉକ୍ତ ରାଶି (Mining Plan) ଓ Environmental Clearance ଆଣି ସାରିଲା ପରେ ପୈଠକରିବେ । ସଂପୂର୍ଣ୍ଣ ରାଶି ପୈଠ ହେଲା ପରେ ଲିଜଧାରୀ ଓଡିଶା ଖଣି ଆକ୍ଟ ୧୯୦୮ ଓ ଷ୍ଟାମ୍ପ୍ ଆକ୍ଟ ୧୮୯୯ ଅନୁଯାୟୀ ଚୁକ୍ତି ପତ୍ର (**Lease Deed**)ସଂପାଦନ କରିବେ ।

୧୦. ଲିଜ ଧାରୀ ଲିଜ୍ ବାବଦ କୁ ରୟାଲ୍ଟି ଦେୟର ଶତକଡା ୫ ଭାଗ Environmental Management Fund ତହସିଲଦାର୍ ଙ୍କ ପାଖରେ ଦାଖଲ କରିବେ ।

୧୧. ଲିଜଧାରୀ ରୋୟଲଟି ଓ (Additional Charges) ଦେୟ ର ୧୦% District Mineral Fund ବାବଦକୁ ତହସିଲଦାର ଙ୍କ ପାଖରେ ଦାଖଲ କରିବେ ।

୧୨. ପରିବେଶ ସମ୍ବନ୍ଧୀୟ ଅନୁମତି (Environmental Clearance) ଲିଜଧାରୀ ନିଜ ଦାୟିତ୍ୱରେ ହାସଲ କରିବେ ।

୧୩. ପୁନଶ୍ଚ ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପଇଠ ହୋଇ ଥିବା ଜମା ରାଶିକୁ ବ୍ୟାଜାପ୍ତ କରିବାର କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

୧୪.ଲିଜଧାରୀ ସୈରାତ ଉପର ନକ୍ସା ଅନୁଯାୟୀ concrete pillar ଦ୍ୱାରା ବାଡଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରିସେଥିରେ ସୈରାତ ଉପର ନକ୍ସା ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବା ସହିତ ବିଜ୍ଞାପନ ଖର୍ଚ୍ଚ ଲିଜ ଧାରୀ ନିଜେ ବହନ କରିବେ ।

୧୫. ଉପରୋକ୍ତ ସମସ୍ତ ସର୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉପରୁ ଲଘୁ ଖଣିଜ ଉଠାଇପାରିବେ ନାହିଁ ।

୧୬. ଲିଜ ସମ୍ବନ୍ଧୀୟ ସର୍ତାବଳୀ କାର୍ଯ୍ୟାଳୟ ରେ ଛୁଟିଦିନ ବ୍ୟତୀତ ସମସ୍ତ କାର୍ଯ୍ୟଦିବସରେ ଦେଖିପାରିବେ ।

୧୭. ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀ ଙ୍କ ରହିଛି ।

୧୮. ଜମା ରୟାଲଟିର ୨% ଲିଜଧାରୀ ଆୟକର (T.D.S.) ବାବଦକୁ ଚାଲାଣ ଆକାରରେ ଜମାକରିବେ ।

20/07/19

TAHASILDAR
BELPARA

୧୯. ଲିଜଧାରୀଙ୍କୁ ରୟାଲଟି ସହିତ ନିର୍ଦ୍ଧାରିତ Surface Rent ଏବଂ Dead Rent ମଧ୍ୟ ପଇଠ କରିବାକୁ ପଡିବ ।

୨୦. ଲିଜ ଅବଧି ମଧ୍ୟରେ Shedule-II ରେ ଉଲ୍ଲେଖିତ ଲଘୁ ଖଣିଜ ଦ୍ରବ୍ୟର ରୟାଲଟି ଦରର ଅଭିବୃଦ୍ଧି ହେଲେ ଓସଂପୃକ୍ତ ଲିଜଧାରୀଙ୍କ ମୂଲ୍ୟାଙ୍କ କରିଥିବା ରୟାଲଟି ଠାରୁ ଅଧିକ ହୋଇଥାଏ ତାହେଲେ ଲିଜଧାରୀ ବର୍ଦ୍ଧିତ ହାରରେ ରୟାଲଟି ଦାଖଲ କରିବେ ।

୨୧.ଧାର୍ଯ୍ୟ ତାରିଖରେ କୌଣସି କାରଣ ବଶତଃ ନିଲାମ ହୋଇ ନ ପାରିଲେ କର୍ତୃପକ୍ଷ ଦାୟୀ ନୁହନ୍ତି । ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ କର୍ତୃପକ୍ଷ ନିଲାମ ସ୍ଥଗିତ, ରଦ୍ଦ କରିପାରିବେ ।

ତହସିଲଦାର, ବେଲପଡା
TAHASILDAR
BELPADA

ଜ୍ଞାପକ ସଂଖ୍ୟା. ୧୪୭୪ ତାରିଖ ୩୦/୦୭/୨୦୨୨

ଏହାର ଏକକିତା ନକଲ ଜିଲ୍ଲାପାଳ, ବଲାଙ୍ଗିର/ଉପଜିଲ୍ଲାପାଳ, ପାଟଣାଗଡ /ଗୋଷ୍ଠି ଉନ୍ନୟନ ଅଧିକାରୀ, ବେଲପଡା /ଭାରପ୍ରାପ୍ତ ଥାନା ଅଧିକାରୀ, ବେଲପଡା /ରାଜସ୍ୱ ନିରୀକ୍ଷକ, ବେଲପଡା /ଧୂମାଭଟା /ସୁଲେକେଲା/କାନୁଟ /ଗନ୍ଧାରୀ /ପର୍ଲିମାଳ ମହଖଣ୍ଡ/ସମ୍ପୃକ୍ତ ଗ୍ରାମ/ଗ୍ରାମ ପଞ୍ଚାୟତ ଙ୍କ ଅବଗତି ସଙ୍ଗେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, ବେଲପଡା ଙ୍କ ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଗଲା ।

ତହସିଲଦାର, ବେଲପଡା
TAHASILDAR
BELPADA

ଜ୍ଞାପକ ସଂଖ୍ୟା. ୧୪୭୬ ତାରିଖ ୩୦/୦୭/୨୦୨୨

ଏହାର ଏକକିତା ନକଲ District Informatics Officer, NIC, Balangir ଙ୍କୁ http://balangir.nic.in ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ବଲାଙ୍ଗିରଙ୍କ କାର୍ଯ୍ୟାଳୟକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନୋଟିସ ବୋର୍ଡରେ ପ୍ରକାଶ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ବେଲପଡା
TAHASILDAR
BELPADA

**ସୈରାତ ଉତ୍ସ ଗୁଡିକର ତାଲିକା**

| କ୍ର. ନଂ. | ସୈରାତ ଉତ୍ସର ନାମ | ମୌଜାର ନାମ | ଖାତା ନଂ. | ପ୍ଲଟ ନଂ. | ରକବା | | MGQ (in Cum) | ରୟାଲଟି ମୂଲ୍ୟ (per cum) | ଅତିରିକ୍ତ ଦର | EMD |
|---|---|---|---|---|---|---|---|---|---|---|
| | | | | | ଏକର | ହେକ୍ଟର | | | | |
| ୧ | ପର୍ଲିମାଳ ବାଲି ଖୋଦାନ | ପର୍ଲିମାଳ | ୨୦୨ | ୧୧୮୮ | ୧୦.୯୬ | ୪.୪୩୫ | ୩୫୦୦ | ଟ.୩୫/- | ଟ.୩୬/- | ଟ.୧୨୬୨୫/- |
| ୨ | ଘାଗୁଲି ବାଲି ଖୋଦାନ | ପର୍ଲିମାଳ | ୨୧୪ | ୧୫୬୪, ୧୫୭୭, ୧୫୭୮ | ୧୦.୧୨ | ୪.୦୯୫ | ୨୦୦୦ | ଟ.୩୫/- | ଟ.୪୦/- | ଟ.୭୫୦୦/- |

ତହସିଲଦାର, ବେଲପଡା
TAHASILDAR
BELPADA